# ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା' ବିଚାରରେ ନୂତନ ଦୃଷ୍ଟିକୋଣ

**ଡ. ପୂର୍ଣ୍ଣଚନ୍ଦ୍ର ସାହୁ**

ଅଧ୍ୟାପକ, ଓଡ଼ିଆ ବିଭାଗ, ରାଜସୁନାଖଳା ମହାବିଦ୍ୟାଳୟ, ରାଜସୁନାଖଳା, ନୟାଗଡ଼

**E-Mail:** purnasahoo9876@gmail.com

**Reviewed by:** ପ୍ରଫେସର ମନୋରଞ୍ଜନ ପ୍ରଧାନ

| Submission Date: | Publication Date: |
|---|---|
| 24-04-2025 | 14-07-2025 |

**Article No:** BB-I-III-2025-01

**ସଂକ୍ଷିପ୍ତସାର :**

ଶ୍ରୀମଦ୍ ଭଗବଦ୍ ଗୀତା ହେଉଛି ଆର୍ଯ୍ୟ ଧର୍ମର ସାର ନିର୍ଯ୍ୟାସ, ଯାହା କର୍ମ, ଉପାସନା ଓ ଜ୍ଞାନ—ତିନିଟି ବେଦ ତ୍ରୟର ସାରାଂଶ—ଗ୍ରହଣ କରେ। ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ କହିଛନ୍ତି, "ଯଦି କୌଣସିଠାରେ ଧର୍ମର ସଂପୂର୍ଣ୍ଣ ପ୍ରକୃତି ପ୍ରକାଶ ପାଇଥାଏ, ସେଥିରେ ହେଉଛି ଗୀତା।" ଏହି ପୁସ୍ତକ ମାନବ ଜାତିର ଶ୍ରେଷ୍ଠ ଧର୍ମର ଧାରା ପ୍ରଦାନ କରେ, ଯେଉଁଠାରେ ଚିତ୍ତ ଶୁଦ୍ଧି ଓ ଆତ୍ମାବିକାଶକୁ ଗୁରୁତ୍ୱ ଦିଆଯାଇଛି। ପଣ୍ଡିତ ନୀଳକଣ୍ଠ ବାଲ୍ ଗଙ୍ଗାଧର ତିଳକଙ୍କ ମତ ଅନୁସାରେ ଗୀତା ବହୁ ପ୍ରାଚୀନ, ବୌଦ୍ଧ ଧର୍ମଠାରୁ ଅଲଗା ଏକ ଆତ୍ମିକ ଧର୍ମ ଭାବେ ଉଦ୍ଭବ ହୋଇଛି। ସେ ଗୀତାକୁ ବୈଦିକ ଧର୍ମର ଏକ ଉନ୍ନତ ରୂପ ଭାବେ ଦେଖନ୍ତି, ଯାହା ସାମାଜିକ ଓ ଆତ୍ମିକ ଜୀବନକୁ ସୁନିଶ୍ଚିତ କରେ। ଗୀତାଧର୍ମର ମୂଳ ମାନବତା, ସାଧାରଣ ଜୀବନର କର୍ମକୁ ସ୍ୱଧର୍ମରେ କରିବା ଓ ଶାନ୍ତି ପ୍ରାପ୍ତିର ଆଦର୍ଶକୁ ପ୍ରମୁଖତା ଦେଇଥାଏ। ଗୀତାରେ ବ୍ୟକ୍ତିର ଆତ୍ମଜ୍ଞାନକୁ ବିଶ୍ୱଜ୍ଞାନର ମୁଖ୍ୟ ମାଧ୍ୟମ ବୋଲି ଦେଖାଯାଇଛି, ଯାହା ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ଗଭୀର ସମ୍ବନ୍ଧ ନିର୍ମାଣ କରେ। ଏହା ମନୁଷ୍ୟଙ୍କୁ ତାଙ୍କର କର୍ମ ପାଇଁ ସଚେତନ କରେ, ଯାହା ମାଧ୍ୟମରେ ସେ ବ୍ରହ୍ମାଣ୍ଡର ବିରାଟ ଶକ୍ତି ସହିତ ସମ୍ପର୍କ ସ୍ଥାପନ କରେ। ନୀଳକଣ୍ଠଙ୍କ ଅନୁସାରେ, 'ବ୍ରହ୍ମ' ହେଉଛି ସମସ୍ତ ରୂପର ମୂଳ ଏବଂ ଅବ୍ୟକ୍ତ ଅବସ୍ଥା, ଯାହାରୁ ସୃଷ୍ଟି ଓ ପରିଣାମ ହୁଏ। ଭଗବଦ୍ ଗୀତାର ପୁରୁଷୋତ୍ତମ ରୂପ ଓଡିଶାର ଜଗନ୍ନାଥ ଭୂମିରେ ପ୍ରତିଷ୍ଠିତ, ଯାହା କୃଷ୍ଣଙ୍କ ଓ ବିଷ୍ଣୁଙ୍କ ଏକ ମୂର୍ତ୍ତି ଭାବେ ପ୍ରତୀତି। ଭଗବଦ୍ ଗୀତା ହେଉଛି ମାନବ ଜୀବନ ଓ ଆତ୍ମିକତାର ଏକ ଅତ୍ୟନ୍ତ ଗଭୀର ଓ ସମ୍ପୂର୍ଣ୍ଣ ଧର୍ମଗ୍ରନ୍ଥ, ଯାହା ଆଜି ପର୍ଯ୍ୟନ୍ତ ସମସ୍ତ ମନୁଷ୍ୟଙ୍କ ପାଇଁ ପଥପ୍ରଦର୍ଶକ ଭାବେ ରହିଛି।

**ପ୍ରମୁଖ ଶବ୍ଦାବଳୀ :** ଭଗବଦ୍ ଗୀତା, ଆର୍ଯ୍ୟ ଧର୍ମ, କର୍ମ, ଉପାସନା, ଜ୍ଞାନ, ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ, ଧର୍ମର ପ୍ରକୃତି, ବୌଦ୍ଧଧର୍ମ, ଶାକ୍ୟ-ମୁନି, ଛାନ୍ଦୋଗ୍ୟ ଉପନିଷଦ, ଗୀତାଧର୍ମ, ଆତ୍ମଧର୍ମ, ପଣ୍ଡିତ ନୀଳକଣ୍ଠ, ଧର୍ମଗ୍ରନ୍ଥ, ଭକ୍ତି, ଆତ୍ମଜ୍ଞାନ, ବ୍ରହ୍ମ, ଜଗନ୍ନାଥ, କୃଷ୍ଣ, ଧର୍ମର ସାର।

"ବେଦେଷୁ ପୁରୁଷସୂକ୍ତଂ, ପୁରାଣେଷୁ ଚ ବୈଷ୍ଣବଂ
ଭାରତେ ଭଗବଦ୍-ଗୀତା, ତ୍ରୟଂ ତ୍ରୈଲୋକ୍ୟଦୁର୍ଲ୍ଲଭମ୍।"

'ଭଗବଦ୍ ଗୀତା' ଆର୍ଯ୍ୟ ଧର୍ମର ସାର ନିର୍ଯ୍ୟାସ। ଯଜୁଃ, ସାମ ଓ ଋକ୍- ଏହି ବେଦ ତ୍ରୟରେ ଯଥାକ୍ରମେ କର୍ମ, ଉପାସନା ଓ ଜ୍ଞାନ ବର୍ଣ୍ଣିତ ହେବାପରି 'ଗୀତା'ର ପ୍ରଥମ ଷଟକରେ କର୍ମ, ଦ୍ୱିତୀୟ ଷଟକରେ ଉପାସନା ଓ ତୃତୀୟ ଷଟକରେ ଜ୍ଞାନ ପ୍ରାଧାନ୍ୟ ଲାଭ କରିଅଛି। ଟୀକାକାର ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଯଥାର୍ଥରେ କହିଛନ୍ତି— "ଯଦି କୌଣସିଠାରେ ଧର୍ମର ସଂପୂର୍ଣ୍ଣ ପ୍ରକୃତି ବ୍ୟକ୍ତ ଓ ପରିସ୍ଫୁଟ ହୋଇଥାଏ, ତେବେ ତାହା ହୋଇଛି 'ଶ୍ରୀମଦ୍ ଭଗବଦ୍ ଗୀତା'ରେ। ଗୀତୋକ୍ତ ଧର୍ମ ସମଗ୍ର ମାନବ ଜାତିର ଶ୍ରେଷ୍ଠ ଧର୍ମ। ଉଭୟ ଈଶ୍ୱରବାଦୀ ଓ ଅନୀଶ୍ୱରବାଦୀ ଯେଉଁ ଚିତ୍ତ ଶୁଦ୍ଧିରେ ବିଶ୍ୱାସ କରନ୍ତି ସେହି ଚିତ୍ତ ଶୁଦ୍ଧି ହିଁ ଗୀତାର ଉଦ୍ଦେଶ୍ୟ।

**'ଗୀତା'ର ପ୍ରାଚୀନତା :**

'ଗୀତା'ର ପ୍ରାଚୀନତା ଦର୍ଶାଇବା ପାଇଁ ପଣ୍ଡିତ ନୀଳକଣ୍ଠ ବାଲ୍ ଗଙ୍ଗାଧର ତିଳକଙ୍କ ମତ ଉଦ୍ଧାର କରି ଲେଖିଛନ୍ତି— "'ଗୀତା' ଶାକ୍ୟ ମୁନି ବୁଦ୍ଧଙ୍କ କାଳରୁ ବହୁ ପ୍ରାଚୀନ। 'ନିର୍ବାଣ' ଶବ୍ଦ ତଥା କର୍ମ ତ୍ୟାଗ-

ସନ୍ନ୍ୟାସ, କର୍ମ ବିପାକ (କର୍ମର ପରିଣାମରେ ଜନ୍ମାଦି ବୌଦ୍ଧ ସାଧନା ଓ ବିଶ୍ୱାସ) ଏ ଦେଶରେ ଥିଲା। ଗୀତାର 'ବ୍ରହ୍ମ ନିର୍ବାଣ' କଥାଟି (୨/୭୨ ଓ ୫/୨୪-୨୬ ଶ୍ଳୋକ) ଛାନ୍ଦୋଗ୍ୟ ଉପନିଷଦରେ (୨/୨୩୧) ମିଳେ। 'ଗୀତା'ରେ ମଧ୍ୟ ବିଶୁଦ୍ଧ ନିର୍ବାଣ କଥାଟିର ପ୍ରୟୋଗ ଅଛି (୬/୧୫ ଶ୍ଳୋକ)। ଅତଏବ ଏହା ବୌଦ୍ଧଧର୍ମ 'ଶାକ୍ୟ-ମୁନି'ଙ୍କ ଠାରୁ ହୋଇ ନାହିଁ। ବହୁ ପୂର୍ବରୁ ସେ ଧାରଣା, ବିଶ୍ୱାସ ଓ ସାଧନା ଏ ଦେଶରେ ଥିଲା।'"

**ଗୀତାଲୋଚନାରେ ନୀଳକଣ୍ଠଙ୍କ ସ୍ୱାତନ୍ତ୍ୟ :**

ଭାଷ୍ୟକାର ପଣ୍ଡିତ ନୀଳକଣ୍ଠ 'ଗୀତା'କୁ ବୈଦିକ ଧର୍ମ ଧାରଣାର ବିକାଶ ରୂପେ ଗ୍ରହଣ କରିନାହାନ୍ତି। ସେ ଏଥରେ ଆତ୍ମଧର୍ମର ପ୍ରାଧାନ୍ୟ ପ୍ରତିପାଦନ କରିଛନ୍ତି। ଆଲୋଚ୍ୟ ଗ୍ରନ୍ଥଟିକୁ ସେ ତିନି ଭାଗରେ ବିଭକ୍ତ କରିଛନ୍ତି – 'ଗୀତା'ର ପୀଠିକା', 'ଗୀତା ପ୍ରବେଶ' ଓ 'ଗୀତାର ଟୀକା'।

**ଗୀତାଧର୍ମ :**

ନୀଳକଣ୍ଠ ଗୀତାଧର୍ମର ସାର୍ବଜନୀନତା ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ, ପୃଥିବୀରେ ବହୁ ଧର୍ମଗ୍ରନ୍ଥ ଅଛି ମାତ୍ର ସେ ସବୁରେ ବିଶିଷ୍ଟ ଦେଶ, କାଳ ଓ ପରିସ୍ଥିତି ଘେନି କର୍ତବ୍ୟ ଓ ତଦନୁଯାୟୀ ତତ୍ତ୍ୱ ପ୍ରଚାର କରାଯାଏ। ପୁଣି ଜଗତଠାରୁ ଭିନ୍ନ ଈଶ୍ୱର ପୁରୁଷର ଆରୋପ କରାଯାଇ ତାଙ୍କରି ଉପଦେଶ ମାଧ୍ୟମରେ କର୍ତ୍ତବ୍ୟ ସମାପନ ହୁଏ। ଅର୍ଥାତ୍ ଏ ସବୁ ଧର୍ମରେ ଜ୍ଞାନଠାରୁ ବିଶ୍ୱାସ ଓ ଯୁକ୍ତି ଅପେକ୍ଷା ଅମୂଳକ ଭକ୍ତି ଉପରେ ପ୍ରାଧାନ୍ୟ ଦିଆଯାଏ। କିନ୍ତୁ 'ଗୀତାଧର୍ମ'କୁ ନ ବୁଝିବା ଡରରେ ବାଧ୍ୟ ହୋଇ ଭକ୍ତି କରିବାର ନାହିଁ, କିମ୍ବା କର୍ମ ବା କର୍ତ୍ତବ୍ୟ ଧାରଣାରେ ନିର୍ଦ୍ଦିଷ୍ଟ ପରିସ୍ଥିତିକୁ ଧରି କ୍ଷୁଦ୍ର ଉପଯୋଗିତାର ବିଚାର ନାହିଁ। ସେ ପୁଣି କହନ୍ତି –ଗୀତା ଧର୍ମର ନିର୍ଯ୍ୟାସ ହେଉଚି, ଏକ ଆତ୍ମିକ ପରିସ୍ଥିତି। ଏଇ ପରିସ୍ଥିତିରେ ତା'ର (ମନୁଷ୍ୟର) ବିଶ୍ୱସଂଗେ ନିତ୍ୟ-ସମ୍ବନ୍ଧ। ସେଇ ପରିସ୍ଥିତି ପୁଣି ସେଇ ସମ୍ବନ୍ଧର ଧାରଣାରେ ସେ ନିଜେ ନିଜର ସମସ୍ତ କର୍ମ ଅଭ୍ରାନ୍ତ ଭାବରେ କରିପାରେ।

**ଗୀତାଧର୍ମ ଯଥାର୍ଥରେ ମାନବ ଧର୍ମ :**

ପଣ୍ଡିତ ନୀଳକଣ୍ଠ କହନ୍ତି, "ଗୀତା ଧର୍ମ ମାନବ ଧର୍ମ। ଏଥିରେ ଅପମାନୁଷ, ଅମାନୁଷ ବା ଅତି ମାନୁଷ କିଛି ନାଇଁ। ସରଳ ସାଧାରଣ ଜୀବନର କର୍ମରେ ସ୍ୱଧର୍ମ ନିରତ ହେବାଇଁ ଗୀତା ଧର୍ମ। ଏ ଧର୍ମରେ କୌଣସି କୁହୁକ ବା ହଟଚମଟ ନାଇଁ। ଏହାର ଆଦର୍ଶ ଶାନ୍ତି।"

**'ଗୀତା'ରେ ବ୍ୟକ୍ତିର ପ୍ରାଧାନ୍ୟ :**

ବ୍ୟକ୍ତିର ଆତ୍ମଜ୍ଞାନ ହିଁ ବିଶ୍ୱଜ୍ଞାନର ପ୍ରକୃତ ମାଧ୍ୟମ। ବ୍ୟକ୍ତିର ଆତ୍ମବୋଧ ସଙ୍ଗେ ବିଶ୍ୱକ୍ରିୟା ଓ ବିଶ୍ୱ ଶକ୍ତିର ଭାବ ଜଡିତ ରହେ। ସେ ନିଜର କର୍ମ ମାଧ୍ୟମରେ ସାରା ସୃଷ୍ଟିର କର୍ମପ୍ରବାହକୁ ଲକ୍ଷ୍ୟ କରେ ଓ ତାହାରି ଅନ୍ତରାଳରେ ମହାଶକ୍ତିମୟ ବିରାଟ ପୁରୁଷକୁ ଉପଲବ୍ଧ କରେ, ଅର୍ଥାତ୍ ପିଣ୍ଡ ଭିତରେ ବ୍ରାହ୍ମଣ୍ଡ ଦର୍ଶନ କରେ। ଏହିପରି ଏକରେ ବହୁ ଓ ବହୁରେ ଏକ ଧାରଣା ବ୍ୟକ୍ତି ଓ ସମଷ୍ଟି ମଧ୍ୟରେ ସମ୍ବନ୍ଧ ରକ୍ଷାକରେ। ଏହି ସମ୍ବନ୍ଧରେ ଆତ୍ମବିକାଶର ପନ୍ଥା ସୁଗମ ହୁଏ। ନୀଳକଣ୍ଠଙ୍କ ଭାଷାରେ –"ଯେ ଏକରେ ବହୁ ଓ ବହୁରେ ଏକ- ତଥା ଭୋଗରେ ତ୍ୟାଗ ଓ 'ତ୍ୟାଗରେ ଭୋଗ-ପୁଣି ଭୂତରେ ଆତ୍ମା ଓ ଆତ୍ମାରେ ଭୂତ-ପ୍ରକାଶରେ ଅବ୍ୟକ୍ତ ଓ ଅବ୍ୟକ୍ତରେ ପ୍ରକାଶ ଦେଖେ-ସେଇ ହେଉଚି ଦ୍ରଷ୍ଟା-ସେଇ ଦାର୍ଶନିକ।"

**ଗୀତାରେ 'ବ୍ରହ୍ମ':**

ନୀଳକଣ୍ଠଙ୍କ ମତରେ 'ବ୍ରହ୍ମ'ର ମୂଳ ଅର୍ଥ- ଯାହା ବଡ଼ ହୁଏ ବା 'ଏକ' 'ଅବ୍ୟକ୍ତ'ର 'ବହୁ' ରୂପରେ ପ୍ରକାଶ, ଅବ୍ୟକ୍ତର ବ୍ୟକ୍ତ ବିକାର, ଶୂନ୍ୟ ହେଉଛି ଅବ୍ୟକ୍ତ। ସେଥିରୁ ସୃଷ୍ଟି ପ୍ରକାଶ ପାଇଁ ତପଃ ଓ ତହିଁରୁ 'ବ୍ରହ୍ମ'। ଗୀତାରେ ବ୍ରହ୍ମ ତିନିଗୋଟି ଅର୍ଥରେ ବ୍ୟବହୃତ ହୋଇଛି ବୋଲି ଆଲୋଚକ ମତ ଦିଅନ୍ତି। ପ୍ରଥମରେ ଅକ୍ଷର ବ୍ରହ୍ମ ବା ଅବ୍ୟକ୍ତ ପରମାତ୍ମା। ଏହାର 'ଅଣାକାର' ବା 'ମହାଶୂନ୍ୟ', ଏହାର ପୁଣି, ଓଡ଼ିଆ ଅତିବଡ଼ୀ ବୈଷ୍ଣବଙ୍କ ନିତ୍ୟ କୃଷ୍ଣରୂପ। ଏହାଇ 'ଶୂନ୍ୟ ଜ୍ୟୋତି। ଗୀତାରେ କୁହାଯାଇଛି, "ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁ ପରମାଂ ଗତିମ୍ ଯଂ ପ୍ରାପ୍ୟ ନ ନିବର୍ତ୍ତନ୍ତେ ତଦ୍ଧାମଂ ପରମଂ ମମ" (୮/୨୧ ଶ୍ଳୋକ)

**'ଗୀତା'ର ପୁରୁଷୋତ୍ତମ ହେଉଛନ୍ତି – ଓଡିଶାର ଜଗନ୍ନାଥ :**

ଜଗନ୍ନାଥ ତତ୍ତ୍ୱ ଗବେଷକ ନୀଳକଣ୍ଠ କହନ୍ତି, ଶ୍ରୀମଦ୍ ଭଗବଦ ଗୀତା ରଚନା ସମୟକୁ କୃଷ୍ଣ, ବିଷ୍ଣୁ ଓ ଈଶ୍ୱର ସମସ୍ତେ ଏକ ହୋଇ ଜଗନ୍ନାଥ ଭୂମିର ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ହୋଇସାରିଥିଲେ- "ଏଇ ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକରେ ଉପାସ୍ୟ ରୂପେ ପ୍ରତିଷ୍ଠିତ ଥିଲେ। ସେଇ ପୁରୁଷୋତ୍ତମ ହେଉଛନ୍ତି କୃଷ୍ଣ ଓ ସମସ୍ତ ଅବତାରର ଅବତାରୀ। ବେଦର କୃଷ୍ଣଙ୍କୁ ଓଡ଼ିଆମାନେ ପୁରୁଷୋତ୍ତମ କରିଛନ୍ତି ବୋଲି ଆଲୋଚକଙ୍କ ମତ। କାରଣ ବେଦରେ ବା ତତ୍ତ୍ୱ ଦର୍ଶନରେ ଯେଉଁ ପୁରୁଷୋତ୍ତମ, 'ଗୀତା'ରେ ପ୍ରକାଶ ପାଇବା ବେଳକୁ ସେ ଜଗତଜନଙ୍କ ହିତ ପାଇଁ ଲୋକରେ ଉପାସ୍ୟଦେବ ରୂପେ ପ୍ରତିଷ୍ଠିତ ହୋଇସାରି ଥିଲେ। ଏହି ଲୋକ-ଉପାସ୍ୟ ପୁରୁଷୋତ୍ତମ ହେଉଛନ୍ତି, ଓଡ଼ିଶାର ପୁରୁଷୋତ୍ତମ ପୁରୀ ବା ପୁରୀର ଜଗନ୍ନାଥ। 'ଗୀତା' ବେଳକୁ ଆଉ କୌଣସିଠାରେ ଭକ୍ତର ଉପାସ୍ୟଦେବ ରୂପେ ପୁରୁଷୋତ୍ତମ ନାହାନ୍ତି। ଜଗନ୍ନାଥଙ୍କ ସ୍ଥାନ ହିଁ ଏପର୍ଯ୍ୟନ୍ତ ପୁରୁଷୋତ୍ତମ କ୍ଷେତ୍ର ରୂପେ ସର୍ବଜନ-ବିଦିତ। ଏହି ଜଗନ୍ନାଥ ପୁଣି 'ମହାଭାରତ'ର ଶାନ୍ତି ପର୍ବରେ ନାରାୟଣ ରୂପେ ପରିଚିତ ହୋଇଛନ୍ତି। ଏହା ନୀଳକଣ୍ଠ ଅନ୍ୟତ୍ର ଦର୍ଶାଇଛନ୍ତି। ତାଙ୍କ ବିଚାରରେ 'ପୁରୁଷୋତ୍ତମ' ପରି 'ଜଗନ୍ନାଥ' ଶବ୍ଦଟି ମଧ୍ୟ ପ୍ରାଚୀନ ଓଡ଼ିଆ ଶବ୍ଦ। 'ମହାଭାରତ'ର 'ନାରାୟଣ ଉପାଖ୍ୟାନ'ରେ 'ନାରାୟଣ'ଙ୍କ ନାମ

ସ୍ଥାନରେ 'ଜଗନ୍ନାଥ' ଶବ୍ଦ ବ୍ୟବହାର କରାଯାଇଥିବାର ସେ ଦର୍ଶାଇଛନ୍ତି। ଏହିପରି ଅନୁସନ୍ଧାନରୁ ପ୍ରମାଣିତ ହୋଇଛି ଯେ, 'ଗୀତା'ର ଶ୍ରୀକୃଷ୍ଣହିଁ ଲୋକରେ ପ୍ରସିଦ୍ଧ ପୁରୁଷୋତ୍ତମ। ସେଇ ପୁଣି ପୁରୀର ଜଗନ୍ନାଥ, ଶବରଦେବତା ଦାରୁବ୍ରହ୍ମ।

**ନୀଳକଣ୍ଠଙ୍କ ଗୀତାଲୋଚନାରେ କେତୋଟି ନୂତନ ଦିଗ :**

ପଣ୍ଡିତ ନୀଳକଣ୍ଠଙ୍କ 'ଗୀତା' ଭାଷ୍ୟରେ କେତେକ ନୂତନ ଦିଗନ୍ତ ପ୍ରତି ପାଠକଙ୍କ ଦୃଷ୍ଟିଆକର୍ଷଣ କରାଯାଇଛି। ଏଥିରେ ଲେଖକ ଓଡିଶାର ସଂସ୍କୃତି, ଜୈନଧର୍ମର ପରମ୍ପରା, 'ଓଁ – ତତ୍ ଓ ଅସୁର ସଭ୍ୟତା ଉପରେ ସୁବିସ୍ତୃତ ଆଲୋଚନା କରିଛନ୍ତି। ଏହା ବ୍ୟତୀତ ତାଙ୍କର ଅନ୍ୟ କେତେକ ରଚନାରେ ମଧ୍ୟ ସେ ଗୀତାଲୋଚନା ପ୍ରସଙ୍ଗରେ ନିଜର ନୂତନ ଦୃଷ୍ଟିଭଙ୍ଗୀର ପରିଚୟ ଦେଇଛନ୍ତି। ଉଦାହରଣ ସ୍ୱରୂପ 'ଗୀତା'ରେ ବର୍ଣ୍ଣିତ – "ଆତ୍ମା ଅମର, ଏହି ଅର୍ଥରେ ଯେ, ଆମେ ଆମ ପରବର୍ତ୍ତୀ ପୁରୁଷମାନଙ୍କ ମଧ୍ୟରେ ବଞ୍ଚିରହୁ।

**ନୀଳକଣ୍ଠଙ୍କ 'ଗୀତାଭାଷ୍ୟ'ରେ ଓଡ଼ିଶାର ସଂସ୍କୃତି :**

ଗୀତା ଆଲୋଚନା ପ୍ରସଙ୍ଗରେ ପଣ୍ଡିତ ନୀଳକଣ୍ଠ କଳିଙ୍ଗର ଶବର ସଂସ୍କୃତି କିପରି ଭେଦଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ପ୍ରଚାର କରିଛି ତାହା ଦର୍ଶାଇବାକୁ ଯାଇ ଓଡ଼ିଶୀ ସଂସ୍କୃତିର ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରିଛନ୍ତି। ତାଙ୍କ ବିଚାରରେ, ଓଡ଼ିଶାର ସଂସ୍କୃତି ତିନିଗୋଟି ସଂସ୍କୃତିର ମିଶ୍ରଣର ଫଳ। ପ୍ରଥମଟି ହେଉଛି ଉତ୍କଳର, ଦ୍ୱିତୀୟଟି କଳିଙ୍ଗର ଓ ତୃତୀୟଟି ଦକ୍ଷିଣ କୋଶଳର ସଂସ୍କୃତି। ଯାଜପୁର ଠାରୁ ଉତ୍ତରକୁ ରାଜ ଦେଶ (ବଙ୍ଗ) ଯାଏ ଉତ୍କଳ, ଯାଜପୁରଠାରୁ ଦକ୍ଷିଣକୁ ପ୍ରାୟ ବିଶାଖାପାଟଣା ପର୍ଯ୍ୟନ୍ତ କଳିଙ୍ଗ ଏବଂ ଏବର ବୌଦ୍ଧଠାରୁ ବିଳାସପୁର ଯାଏ ଦକ୍ଷିଣ କୋଶଳ ବିସ୍ତୃତ।

**ନୀଳକଣ୍ଠଙ୍କ 'ଗୀତା' ବିଚାରରେ ନୂତନ ଦୃଷ୍ଟିକୋଣ :**

ତୁଳନାତ୍ମକ ଭାବେ ବିଚାର କଲେ ନୀଳକଣ୍ଠଙ୍କ ଆଲୋଚନାରେ ଗୀତା ପ୍ରଚାର ଯୁଗରେ ଭାରତ ବର୍ଷରେ ମୋକ୍ଷ ଲାଭ ଲାଗି ଯେଉଁ ଚାରି ଗୋଟି ମାର୍ଗ-କର୍ମ, ଜ୍ଞାନ, ଧ୍ୟାନ ଓ ଭକ୍ତି – ପ୍ରଚଳିତ ଥିଲା ତାହାରି ସମନ୍ୱୟ କିପରି 'ଗୀତା'ରେ ହୋଇଅଛି, ସେପ୍ରତି ସତର୍କ ଦୃଷ୍ଟି ଦିଆଯାଇଛି। 'ଗୀତା'ରେ ଲୋକ-ପ୍ରଚଳିତ ଧର୍ମ, ସାଂଖ୍ୟ ତଥା ବେଦାନ୍ତର ଦାର୍ଶନିକ ତତ୍ତ୍ୱ ଓ ଯୋଗ ସାଧନାର ଧ୍ୟାନ ଧାରଣା ଆଦିର ସମନ୍ୱୟ ଘଟିଥିବା 'ଗୀତା ଭୂମିକା'ରେ ପ୍ରତିପାଦନ କରି ତାହାକୁ ସମଗ୍ର ପୃଥିବୀର ସାହିତ୍ୟରେ ଏକ ଅନନ୍ୟ ସାଧାରଣ ଗ୍ରନ୍ଥ ରୂପେ ପ୍ରତିଷ୍ଠା ଦେଇଛନ୍ତି। ତାଙ୍କ ଭାଷାରେ – "ମାନବର ଜ୍ଞାନରେ ଗମ୍ୟ, ଭକ୍ତିରେ ଲଭ୍ୟ ଓ କର୍ମରେ ସାଧ୍ୟ – ସମସ୍ତ ତତ୍ତ୍ୱ, ଉପାସ୍ୟ ଓ ଆଦର୍ଶ ଏଥିରେ (ଗୀତାରେ) ଏକାକାର।

**ସଙ୍କେତ ସୂଚୀ:**

୧. ବେଦବ୍ୟାସ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ନାମ ନୁହେଁ। ବେଦ ସଂଗ୍ରହ ଓ ବିଭାଗକାରୀ ୨୮ ଜଣ ଋଷିଙ୍କୁ ବେଦବ୍ୟାସ କୁହାଯାଏ। ପ୍ରତ୍ୟେକ ଯୁଗରେ ଯେଉଁ ପଣ୍ଡିତ ଋଷିଗଣ ବେଦର ବିଷୟ ଲୋକରେ ପ୍ରଚାର କରୁଥିଲେ ସେମାନଙ୍କୁ ବେଦବ୍ୟାସ କୁହାଯାଉଥିଲା ବୋଲି ଭାଗବତରୁ ଜଣାଯାଏ-

'ଯେ ଯୁଗେ ଯେଉଁ ଋଷି ଗଣ,ବେଦ ବିସ୍ତାର କଲେ ପୁଣ। ସେହି ବେଦବ୍ୟାସ ବୋଲାନ୍ତି, ତା ଦେହେ ବିଷ୍ଣୁ ପ୍ରବେଶନ୍ତି।" (ଭାଗବତ- ଜଗନ୍ନାଥ ଦାସ)

୨. 'ମହାଭାରତେର୍ ସମାଜ'ପୃ -୪୦୧।

୩. ବଙ୍କିମଚନ୍ଦ୍ରଙ୍କ ଅସମ୍ପୂର୍ଣ୍ଣ 'ଶ୍ରୀମଦ୍ ଭଗବଦ୍ ଗୀତା' ତାଙ୍କର ମୃତ୍ୟୁପରେ ଖ୍ରୀ.୧୯୦୨ରେ ପ୍ରକାଶ ପାଇଥିଲା। ଏହି ଗ୍ରନ୍ଥରେ ସେ ବହୁ ଐତିହାସିକ ଯୁକ୍ତି ଉପସ୍ଥାପନ କରି ମହାଭାରତରେ ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧର ସମୟ ଖ୍ରୀ.ପୂ. ୧୪୩୦ ବୋଲି ନିର୍ଣ୍ଣୟ କରିଛନ୍ତି।

୪. 'ଗୀତା ପ୍ରବେଶ' – ପୃ ୪୧୧ (ପଦଟୀକାରେ ସର୍ବତ୍ର ନୀଳକଣ୍ଠଙ୍କ 'ଗୀତା'ର ୪ର୍ଥ ସଂସ୍କରଣର ପୃଷ୍ଠା ସଂଖ୍ୟା ସୂଚୀତ)

୫. ତେଷାମହଂ ସମୁଦ୍ଧର୍ତ୍ତା ମୃତ୍ୟୁସଂସାରସାଗରାତ୍ ଭବାମି ନ ଚିରାତ୍ ପାର୍ଥ ମର୍ଯ୍ୟାବେଶିତ ଚେତସାମ୍" (ଗୀତା-୧୨/୭)

୬. 'ଗୀତା ପ୍ରବେଶ' – ସୂଚନା – 'ଗୀତା' – ୪ର୍ଥ ସଂସ୍କରଣ, ପୃ-୧୪୯ ଦ୍ରଷ୍ଟବ୍ୟ।

୭. ତତ୍ରୈବ— ପୃଷ୍ଠା-୧୫୦

୮. 'ଗୀତା ପ୍ରବେଶ' – ପୃଷ୍ଠା ୪୬୯

୯. "ଯଦି ହ୍ୟହଂ ନ ବର୍ତ୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ମମ ବର୍ତ୍ମାନୁବର୍ତ୍ତନ୍ତେ ମାନୁଷ୍ୟା ପାର୍ଥ ସର୍ବଶଃ। (ଗୀତା —୩/୨୩)

୧୦. 'ନ ବେଦଯଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ଏବଂ ରୂପଃ ଶକ୍ୟ ଅହଂ ନୃଲୋକେ ଦ୍ରଷ୍ଟୁମଂ ତ୍ୱଦନ୍ୟେନ କୁରୁପ୍ରବୀର।' (ଗୀତା -୧୧/୪୮)

**CC BY-NC 4.0**

ପଣ୍ଡିତ ନୀଳକଣ୍ଠଙ୍କ ଦୃଷ୍ଟିରେ 'ଗୀତା'ବିଚାରରେ ନୂତନ ଦୃଷ୍ଟିକୋଣ © 2025 by ଡ. ପୂର୍ଣ୍ଣଚନ୍ଦ୍ର ସାହୁ is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/